ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev(OD)/859/12-12-2020

## ଆଜି ଭର୍ଚୁଆଲ୍ ଟୁର୍‌ରେ

## ରାଜ୍ୟ ଜନଜାତି ସଂଗ୍ରହାଳୟର ଧାରୁଆ ଜନଜାତିଙ୍କ ବସ୍ତ୍ର, ଢୋକ୍ରା କାରିଗରୀ କୌଶଳ

ଭୁବନେଶ୍ୱର, ତା.୧୨/୧୨/୨୦୨୦

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ରାଜ୍ୟ ଜନଜାତି ସଂଗ୍ରହାଳୟ କୋଭିଡ୍-୧୯ ପରିପ୍ରେକ୍ଷୀରେ ବନ୍ଦ ରହିଛି । ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ଦିନ ଦର୍ଶକମାନଙ୍କ ପାଇଁ ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଏଥର ଦର୍ଶକମାନେ ଟୁଇଟର ଓ ଫେସ୍‌ବୁକ୍ ପେଜ୍ @scstrti, @stscdev ଖୋଲି ଧାରୁଆ ଜନଜାତିଙ୍କ ବସ୍ତ୍ର ଓ ଢୋକ୍ରା କାରିଗରୀ କୌଶଳ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ଧାରୁଆ ଜନଜାତିମାନେ ମୁଖ୍ୟତଃ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର ଜିଲ୍ଲାରେ ବସବାସ କରିଥା'ନ୍ତି । କୃଷି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଝୁଡ଼ି ପ୍ରସ୍ତୁତି, ଶ୍ରମ କରିବା ସେମାନଙ୍କର ମୁଖ୍ୟ ପେଶା । ଏହି ଜନଜାତି ଗୋଷ୍ଠୀଙ୍କ ମୁଖ୍ୟ ପର୍ବ ହେଉଛି ଲେଣ୍ଡିପଣ୍ଡା, ଘିଆପଣ୍ଡା ଓ ଗୋଏସେନ୍‌ଡିଆ-ହିଆ । ସେମାନେ ଇସ୍ତିପାଲ୍, ଗ୍ରାମଶିରି, ଗରମ, ରମକିନ୍ ଆଦି ଦେବଦେବୀଙ୍କୁ ପୂଜା କରିବା ସହିତ ହିନ୍ଦୁ ଦେବଦେବୀ ଜଗନ୍ନାଥ, ଲକ୍ଷ୍ମୀ, ମହାଦେବ, କାଳୀ ଆଦିଙ୍କୁ ମଧ୍ୟ ପୂଜା କରିଥାନ୍ତି । ଧାରୁଆ ଜନଜାତି ନିଜକୁ ସ୍ୱତନ୍ତ୍ର ନାଲି ଓ ଧଳା ବସ୍ତ୍ର ଓ ବିବାହ ଉତ୍ସବ ସମୟରେ ଗାଢ଼ନାଲି ଓ ଇଟା ରଙ୍ଗର ବସ୍ତ୍ରରେ ସଜାଇଥାନ୍ତି । କୋଟପାଡ଼ର ବୁଣାକାରମାନେ ଏହି ବସ୍ତ୍ର ପ୍ରାକୃତିକ ରଙ୍ଗ ଦେଇ ସୁନ୍ଦର ଭାବେ ପ୍ରସ୍ତୁତ କରିଥାନ୍ତି ।

ଆଜି ଅନ୍ୟ ଏକ ଭିଡ଼ିଓ ଯୋଗେ ଦର୍ଶକମାନେ ଢୋକ୍ରା କାରିଗରୀ କୌଶଳ ସଂପର୍କରେ ଜାଣିପାରିବେ । ଓଡ଼ିଶାର, ମୁଖ୍ୟତଃ ରାୟଗଡ଼ା, କନ୍ଧମାଳ, ନୟାଗଡ଼, କଟକ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଓ ଅଣଆଦିବାସୀ ଢୋକ୍ରା ଶିଳ୍ପୀ ବସବାସ କରିଥାନ୍ତି ।

ଢୋକ୍ରା ଶିଳ୍ପ ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ଉପକରଣ ହେଉଛି ପିତ୍ତଳ, ଆଲକତରା ସଦୃଶ କଳା ବା ବାଦାମୀ ରଙ୍ଗର ମିଶ୍ରଣ, ଝୁଣା, ମାଟି, ଧାନଶସ୍ୟର ଶୁଖିଲା ଚୋପା, ବାଲି ଓ କାଠ । ପିତ୍ତଳ ଏବଂ ମହମ ହେଉଛି ଏହାର ମୁଖ୍ୟ ଉପକରଣ । ମହମ, ଝୁଣା ଓ କଳା ଏବଂ ବାଦାମୀ ମିଶ୍ରଣକୁ (୧ କେଜି: ୨୫୦ ଗ୍ରାମ: ୧୦ ଗ୍ରାମ) ଅନୁପାତରେ ଏକ ଜାଗାରେ ମିଶାଯାଇ ପାଣିରେ ଢାଳି ଅଳ୍ପ ଆଞ୍ଚରେ ଗରମ କରାଯାଇ ଆଂଶିକ କଠିନ କରାଯାଇଥାଏ । ମହମ ଏବଂ ପିତ୍ତଳର ଅନୁପାତ ୧:୧୦ ହୋଇଥାଏ । ମହମ ଥ୍ରେଡ୍ ପ୍ରସ୍ତୁତି ନିମନ୍ତେ କାରିଗରମାନେ କାଟିବା ପାଇଁ କାତ୍ରି, କାଠର ଟେସା, ଚକି ଆଦି ବ୍ୟବହାର କରିଥାନ୍ତି । ସେମାନେ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରିଥାନ୍ତି । ମହମ ଥ୍ରେଡ୍‌ଗୁଡ଼ିକୁ ଏକ କାଠବୋର୍ଡରେ ରଖାଯାଏ । ନରମ ମାଟିକୁ ଏକ କାଠିରେ ବିଭିନ୍ନ ଆକୃତି କରାଯାଏ । ନିଆଁ ଉପରେ ମାଟିର ତିଆରି ବିଭିନ୍ନ ଆକୃତିକୁ ଚିମୁଟା ଯୋଗେ ରଖାଯାଏ ଓ ପ୍ରସ୍ତୁତ ହେଲା ପରେ ବାହାର କରାଯାଏ । ନିଆଁରେ ସେକି ହୋଇ ଯୋଡା ହେବା ପରେ ମହମର ବିଭିନ୍ନ ଆକୃତିକୁ ବାହାର କରାଯାଏ । ମାଟିର ଆକୃତିଗୁଡ଼ିକୁ ସେମାନେ ଖରାରେ ଶୁଖାଇଥାନ୍ତି । ଶୁଖିଲା ଅଂଶକୁ ଝାଟପତ୍ର ବ୍ୟବହାର କରାଯାଇ ପଲିସ୍ କରାଯାଇଥାଏ । ସଂପୂର୍ଣ୍ଣ ଆକୃତି ପ୍ରସ୍ତୁତି ପରେ ମାଟିର ଆକୃତିରେ ନାଲି ମାଟିର ଏକ ଆସ୍ତରଣ ଦିଆଯାଇଥାଏ ଓ

ଶୁଖିବାକୁ ଛାଡ଼ି ଦିଆଯାଏ । ଡିଜାଇନ୍ ଅନୁସାରେ ମହମ ଥ୍ରେଡ୍‌କୁ ଗୁଡାଇ ଦିଆଯାଏ । ସଙ୍ଗେ ସଙ୍ଗେ ମାଟିର ଆକୃତିଗୁଡ଼ିକରେ ନାଲିମାଟିର ଦ୍ୱିତୀୟ କୋଟ୍ ଦିଆଯାଏ । ସମାନ ପ୍ରକ୍ରିୟାରେ ତରଳା ଯାଇଥିବା ପିତ୍ତଳ କ୍ରାଫ୍ଟ ପ୍ରସ୍ତୁତି ବେଳେ ହଳଦୀପତ୍ର ପେଷ୍ଟରେ ଧୁଆଯାଇ ଲେମ୍ବୁପତ୍ରକୁ ଅଧିକ ଉଜ୍ଜ୍ୱଳତା ଆଣିବା ନିମନ୍ତେ ବ୍ୟବହାର କରାଯାଇଥାଏ ।

ଢୋକ୍ରା ଶିଳ୍ପୀମାନେ ଢୋକ୍ରାର ବିଭିନ୍ନ ପ୍ରକାରର ଶିଳ୍ପ ସାମଗ୍ରୀ ଯଥା–ଘର ସଜାଇବା, ବିଭିନ୍ନ ଡିଜାଇନ୍‌ର ଦରକାରୀ ସାମଗ୍ରୀ, ବିଭିନ୍ନ ଅଳଙ୍କାର, ଦେବଦେବୀ ମୂର୍ତ୍ତି ଓ ଆଭୂଷଣ ଆଦି ପ୍ରସ୍ତୁତ କରିଥାନ୍ତି ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ